# Akashvani, Sambalpur

## SAMBALPURI NEWS EVENING BULLETIN

## 25 September 2025- 7.02 pm- 7.12 pm.

**********************************************

୧- ପ୍ରଧାନ୍‌ମନ୍ତ୍ରୀଙ୍କର୍ ଆହ୍ୱାନ୍‌ଥି ଆଏଜ୍ ସାରା ଦେଶେ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ନ ହେଇଛେ ଗୁଟେ ଘଂଟା ଶ୍ରମଦାନ୍ କାର୍ଯ୍ୟକ୍ରମ୍ ।

- ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଝାର୍‌ସୁଗୁଡ଼ା ଗସ୍ତକେ ନେଇକରି ଥିତି ଅନୁଧ୍ୟାନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଡିଆର୍‌ଡିଓ ତର୍‌ଫୁ ଅଗ୍ନି ପ୍ରାଇମ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର୍ ହେଲା ସଫଲ୍ ଉତ୍‌କ୍ଷେପଣ୍ ।

ଆଉର୍

୪- ସୁନ୍ଦର୍‌ଗଡ୍ ଜିଲ୍ଲା କୋଇଡ଼ା ନ ସଡ଼କ୍ ଦୁର୍ଘଟଣାଥି ୭ ଝନ୍‌କର୍ ଗଲା ଜୀବନ୍ ।

ସ୍ୱଚ୍ଛତା ହିଁ ସେବା          ସୁବର୍ଣ୍ଣପୁର/ ନୂଆପଡ଼ା/

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥି ଦେଶ୍‌କେ ସଫା ରଖିବାର୍ ଲାଗି ଆଏଜ୍ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ୍‌ଥି ସାରାଦେଶେ ଗୁଟେ ଘଂଟା ଶ୍ରମଦାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ସଖାଲର୍ ୮ ବଜେନୁ ଇ ଅଭିଯାନ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଫେଇ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ଅନ୍ତର୍ଗତ୍ ଗଣସଫେଇ ଅଭିଯାନ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଭୁବ୍‌ନେଶ୍ୱର୍ ଲିଙ୍ଗରାଜ୍ ମନ୍ଦିର୍ ନ ସଫେଇ କରିଛନ୍ । 'ଏକ୍ ଦିନ, ଏକ୍ ଘଂଟା, ଏକାସାଙ୍ଗେ' ବାର୍ତା ନେଇକରି ଚାଲିଥିବା ଅଭିଯାନ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ହଜାର୍ ହଜାର୍ ଲୋକ୍ ସାମିଲ୍ ହେଇଥିଲେ । ସ୍ୱଚ୍ଛତା ଅଭିଯାନ୍‌ଥି ରାଜ୍ୟକେ ଦେଶର୍ ପହେଲା ୩ ଟା ରାଜ୍ୟ ଭିତ୍‌ରେ ରଖିବାର୍ ଦିଗେ କାମ୍ କର୍‌ବାର୍‌କେ ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । ଇତାର୍‌ସହେତେ ଏକ୍ ପେଡ୍ ମା କେ ନାମ୍ ୨ ନମ୍ବର୍ ଖେପ୍ ଅଭିଯାନ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲିଙ୍ଗରାଜ୍ ମନ୍ଦିର୍ ପାଖର୍ ଦେବୀ ପାଦହରା ପୁଷ୍କରିଣୀ ପାଖେ ଗଛ୍ ଲଗେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ଆଉ ପୌର ପ୍ରଶାସନ୍ ତର୍‌ଫୁ ଜିଲ୍ଲାର୍ ପ୍ରମୁଖ ଶୈବପୀଠ ସୁବର୍ଣ୍ଣମେରୁ ମନ୍ଦିର୍ ନ ସଫେଇ କରାଯାଇଥିଲା । ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ନେତୃତ୍ୱଥି ୫୦

ନୁ ଅଏତ୍‌କା ସ୍ୱେଚ୍ଛାସେବୀ ଆଉ ସଫେଇ କର୍ମୀ ଇଥି ସାମିଲ୍ ହେଇଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ୍ ତର୍‌ଫୁ ସହରୀ ଆରୋଗ୍ୟ ପରିସର୍ ନ ସଫେଇ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ସ୍ୱଚ୍ଛ ସାଥୀଙ୍କର୍ ମାହାଲିଆ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ନିର୍ବାହୀ ଅଧିକାରୀ ଯୋଗ୍ ଦେଇକରି ସଭେ ନିଜର୍ ନିଜର୍ ଇଲାକା ନ ସ୍ୱଚ୍ଛତା ଲାଗି ଗୁଟେ ଘଂଟା ସମିଆ ଦେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଝାର୍‌ସୁଗୁଡ଼ା ସମୀକ୍ଷା ଝାର୍‌ସୁଗୁଡ଼ା ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଗସ୍ତକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଝାର୍‌ସୁଗୁଡ଼ା ପୁହୁଁଚିକରି ଥିତି ଅନୁଧ୍ୟାନ୍ କରିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱତନ୍ତ୍ର ବିମାନ୍‌ଥି ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ନୁ ପୁହୁଁଚିକରି ପଣ୍ଡ୍ରିପଥର୍‌ଠାନେ ଥିବା ଦଳୀୟ କାର୍ଯ୍ୟାଳୟ ନ ଦଳୀୟ ନେତାମାନ୍‌କର୍ ସଙ୍ଗେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ ବାବ୍‌ଦେ ଆଲୋଚନା କରିଥିଲେ । ତାର୍ ଉତ୍‌ରୁ ଶ୍ରୀ ମାଝୀ

ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଭା ଜାଗା ଅମ୍‌ଲିପାଲିକେ ଯାଇକରି ଥିତି ଅନୁଧ୍ୟାନ୍ କରିଛନ୍ ।

ସେଆଡ଼େ ପୁଲିସ୍ ମହାନିର୍ଦ୍ଦେଶକ୍ ଓ୍ୱାଇ.ବି. ଖୁରାନିଆ ଭିଲ୍ ଆଏଜ୍ ସଭାଜାଗାକେ ଯାଇକରି ସୁରକ୍ଷା ଥିତି ଯାଂଚ୍ କରିଛନ୍ । ବିମାନ୍ ବନ୍ଦର୍‌ନୁ ସଭା ଜାଗା ତକ୍ ସବୁଆଡ଼େ ସୁରକ୍ଷା ବ୍ୟବସ୍ଥା ଯାଂଚ୍ କରିଛନ୍ । ଇ ଅବ୍‌ସରେ ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁବର୍ଣ୍ଣପୁର୍ ଆରକ୍ଷୀ ଅଧିକ୍ଷକଙ୍କର୍ ସାଙ୍ଗେ ବରିଷ୍ଠ ପୁଲିସ୍ ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

ସୂଚ୍‌ନା ଅନ୍‌ସାରେ ଆଏବା ୨୭ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାର୍‌ସୁଗୁଡ଼ା ଅମ୍‌ଲିପାଲି ଠାନେ ହେବାର୍‌କେ ଥିବା ଯୁବ ସମାବେଶ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ- ଶକ୍ତି ଉତ୍ପାଦନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କଚ୍‌ରାନୁ କୁଇଲା ଆର୍ ଶକ୍ତି ଉତ୍ପାଦନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍, ଭୁବ୍‌ନେଶ୍ୱର୍ ମହାନଗର୍

ନିଗମ୍‌ନୁ ଫି’ ଦିନ ୮ ଶହ ଟନ୍ କଚ୍‌ରା ବାହାରୁଛେ । ଇଟାକେ ଭିନ୍ ଭିନ୍ ହିସାବେ ପ୍ରକ୍ରିୟାକରଣ୍ କର୍‌ବାର୍ ଲାଗି ଖାସ୍ ଭାବେ ସ୍ୱୟଂସହାୟକ ଗୋଷ୍ଠୀର୍ ମହିଲାମାନ୍‌କୁ ତାଲିମ୍ ଦିଆଯାଉଛେ । ଭୁବ୍‌ନେଶ୍ୱର୍ ନ ଆଏବା ଦିନେ ଆବର୍ଜନାନୁ ଶକ୍ତି, ବାୟୋଗେସ୍ କମ୍ପୋଷ୍ଟିଂ ଆର୍ କଚ୍‌ରାନୁ କୁଇଲା ପ୍ଲାଂଟ୍ ଲାଗି ଯୋଜ୍‌ନା ତିଆର୍ କରାଯାଇଛେ । ଭୁବ୍‌ନେଶ୍ୱର୍, କଟକ୍, ପୁରୀ, ଜଟଣୀ ବାଗିର୍ ପ୍ରମୁଖ ସହର୍‌ନୁ ବାହାରୁଥିବା କଚ୍‌ରାକେ ଗୁଟେ ଜାଗାକେ ଅନାଯାଇକରି ଶକ୍ତି ଉତ୍ପାଦନ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ପରୋକ୍ଷ ଟିକସ୍ ବ୍ୟବସ୍ଥାକେ ସରଲ୍ କର୍‌ବାର୍ ଦିଗେ ଆଏବା ପିଢ଼ି ଜିଏସ୍‌ଟି ସଂସ୍କାର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ । ଇ ମାସ ୨୨ ତାରିଖ୍‌ନୁ ଲାଗୁ ହେଇଥିବା ସଂଶୋଧିତ ଜିଏସ୍‌ଟି ହାର ଲାଗି ଏଛେନ୍ ଲୁକ୍‌କୁ ସୁବିଧା ମିଲୁଛେ । ନୂଆଁ ଜିଏସ୍‌ଟି ସଂସ୍କାର୍‌ଥି ଆଘୋନୁ ଥିବା ୪ ଥାକିଆ ୫, ୧୨, ୧୮, ୨୮ ପ୍ରତିଶତ ଟିକସ୍ ହାର୍‌କେ ବଦ୍‌ଲେଇକରି ଦୁଇଥାକିଆ ୫ ଆର ୧୮ ପ୍ରତିଶତ୍ ଜିଏସ୍‌ଟି

ଲାଗୁ କରାଯାଇଛେ । ଭିନ୍ ଭିନ୍ ଦରବ୍ର ଟିକସ୍ ଦର କମାଯାଇଥିବାର୍ନୁ ଲୁକ୍କୁ ବହୁତ୍ଟେ ଲାଭ୍ ହଉଛେ । ଏଛେନ୍ ଜିଏସ୍ଟି ସଂସ୍କାର୍ଥି ସର୍କାର୍ ହସ୍ତଶିଳ୍ପ ଦରବ୍ ଉପ୍ରେ ୭ ପ୍ରତିଶତ୍ ଟିକସ୍ କମ୍ କରିଛନ୍ । ହସ୍ତଶିଳ୍ପ ଦରବ୍ ମାନ୍କର୍ ଉପ୍ରେ ଆଘୋନୁ ୧୨ ପ୍ରତିଶତ୍ ଟିକସ୍ ଲାଗୁ କରାଯାଇଥିଲା । ଇହାଦେ ଇଟା ୫ ପ୍ରତିଶତ୍କେ କମିଛେ । କାଠ୍, ପଥର୍ ଆଉ ଧାତୁ ତିଆରି ମୂର୍ତି ଆର୍ ହାତ୍ ତିଆରି ମହମ୍ବତୀ, ରନ୍ଧା ଦରବ୍, ମାଟି ତିଆରି ଟେରାକୋଟା ବାଗିର୍ ଦରବ୍ ଉପ୍ରେ ଭିଲ୍ ଟିକସ୍ କମ୍ କରାଯାଇଛେ ।

ଦଶରା ଛୁଟି-ହାଇକୋର୍ଟ ଏକ୍ସ

ଦଶ୍ରା ଛୁଟି ସମିଆଥି ଓଡ଼ିଶା ହାଇକୋର୍ଟ ୩ ଦିନ୍ ଚାଲ୍ବା ବଲି ଜନାପଡ଼ିଛେ । ଇ ମାସର୍ ୨୯ ତାରିଖ୍ ଆଉ ଅକ୍ଟୋବର୍ ୧ ଆର୍ ୬ ତାରିଖ୍ ହାଇକୋର୍ଟର ଅବକାଶ ଅଦାଲତ୍ ଚାଲ୍ବା ବଲି ଜନାପଡ଼ିଛେ ।

ଦୀନଦୟାଲ୍ ଉପାଧ୍ୟାୟ- ଜୟନ୍ତୀ I&PR/X

ବିଶିଷ୍ଟ ରାଜନେତା, ଦାର୍ଶନିକ ଆଉ ଜନନାୟକ ପଣ୍ଡିତ୍ ଦୀନଦୟାଲ୍ ଉପାଧ୍ୟାୟଙ୍କର୍ ଶହେ ୧୦ ନମ୍ବର୍ ଜୟନ୍ତୀ ଆଏଜ୍ ସାରା ଦେଶେ ପାଲନ୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀନ୍‌ଦୟାଲ୍ ଉପାଧ୍ୟାୟଙ୍କର୍ ଜୟନ୍ତୀ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇକରି ତାଙ୍କର୍ ଜାତୀୟତାବାଦୀ ଚିନ୍ତାଧାରା ଆଉ ଅନ୍ତ୍ୟୋଦୟ ନୀତି ଦେଶ୍‌କେ ସମୃଦ୍ଧିର୍ ବାଟ୍‌କେ ନେଇଛେ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଜୟନ୍ତୀ ଅବ୍‌ସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଅଗ୍ନି ପ୍ରାଇମ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ହି.ସ.

ଭାରତୀୟ ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ ଡିଆର୍‌ଡିଓ ତର୍‌ଫୁ ଆଏଜ୍ ଦେଶର୍ ପହେଲା ରେଲ୍ ମୋବାଇଲ୍ ଲଂଚର୍ ସିଷ୍ଟମ୍‌ନୁ ମଧ୍ୟମ୍ ଦୂରଗାମୀ ଅଗ୍ନି ପ୍ରାଇମ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର୍ ସଫଲ୍ ଉତ୍‌କ୍ଷେପଣ୍ କରାଯାଇଛେ । ୨ ହଜାର୍ କିଲୋମିଟର୍ ଲକ୍ଷ୍ୟଭେଦ୍ କରିପାରୁଥିବା ଇ ଆଏବା ପିଢ଼ିର୍ କ୍ଷେପଣାସ୍ତ୍ରର ସଠିକ୍ ଗତିଶୀଳ ଆଉ ପ୍ରତିରୋଧକ୍ କ୍ଷମତା କେତ୍‌ନିକେତେ ରହିଛେ । ଦୂରିଆ ଲକ୍ଷ୍ୟଭେଦୀ ଆଣବିକ କ୍ଷେପଣାସ୍ତ୍ରକେ

ବହୁତ୍ ଦୂରିଆନୁ ଆଏତ୍ କର୍‌ବାର୍ ସହେତେ ଲକ୍ଷ୍ୟସ୍ଥଲ୍‌କେ ସଠିକ୍ ଭାବେ ଟାର୍‌ଗେଟ୍ କରିପାର୍‌ବା । ଇ କ୍ଷେପଣାସ୍ତ୍ର ଅଏତ୍‌କା ଉଜନ୍ ବୁହିପାରୁଥିବାର୍‌ନୁ ଅଗ୍ନି -୧ ଜାଗା ନ ଇତାକେ ବେଭାର୍ କରାଯାଇପାର୍‌ବା ବଲି ଜନାପଡ଼ିଛେ । ଇ ସଫଲତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ-ଡିଆର୍‌ଡିଓକେ ଶୁଭେଚ୍ଛା ଜନେଇଛନ୍ ।

ସେବା ପର୍ବ-ଭାରତ୍ ଏଆଇ ମିଶନ ଏନ୍‌ଏସ୍‌ଡି

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍‌କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଳିତ୍ ହେଇକରି ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ - ପରିବର୍ତ୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍‌ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍‌ମା କେନ୍ଦ୍ର ସର୍‌କାର୍ ପ୍ରତିରକ୍ଷା କ୍ଷେତ୍ରଥି ଉତ୍ପାଦନ୍‌କେ ବର୍‌କସ୍ କନ୍ତା କରି ଦେଶ୍‌କେ ଆତ୍ମନିର୍ଭର୍ କର୍‌ବାର୍ ସହେତେ ବିଶ୍ୱ ପ୍ରତିରକ୍ଷା ବଜାର୍ ନ ଭାରତ୍‌କେ ଗୁଟେ ଶକ୍ତି ଭାବେ ପ୍ରତିଷ୍ଠା କରିଥିବାର୍ ବାବ୍‌ଦେ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଶାସନ୍ ସମିଆଥି ୨୦୨୪-୨୫ ବଛ୍‌ରେ ସବୁନୁ ଜହ ୧ ଲାଖ୍ ୫୦ ହଜାର୍ କୋଟି ଟଙ୍କାନୁ ଅଏତ୍‌କା ଦାମ୍‌ର ପ୍ରତିରକ୍ଷା ଦରବ୍ ଉତ୍ପାଦନ୍ କରାଯାଇଛେ । ୨୦୧୪-୧୫ ବଛ୍‌ରେ ଦେଶେ ହେଇଥିବା ପ୍ରତିରକ୍ଷା ଉତ୍ପାଦନ୍‌ର ଇଟା ୩ ଗୁନ୍‌ନୁ ଅଏତ୍‌କା । ପ୍ରତିରକ୍ଷା ଉତ୍ପାଦନ୍ କ୍ଷେତ୍ରଥି ସର୍‌କାରୀ ଆଉ ବେସର୍‌କାରୀ ଉଦ୍ୟୋଗ୍ ଧାରାବାହିକ୍ ବିକାଶ୍ ହାସଲ୍ କରିଛନ୍ । ଗତ ୧୦ ବଛ୍‌ରେ ସର୍‌କାର୍‌ଙ୍କର୍ ତର୍‌ଫ୍ ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ଲାଗି ଇଟା ସମ୍ଭବ୍ ହେଇପାରିଛେ । ଦେଶର୍ ଜାତୀୟ ସୁରକ୍ଷାଥି 'ମେକ୍ ଇନ୍ ଇଣ୍ଡିଆ' ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛେ । ପାକିସ୍ତାନ୍ ଅଧିକୃତ କାଶ୍ମୀର୍ ଆଉ ପାକିସ୍ତାନ୍‌ଥି ସନ୍ତ୍ରାସବାଦୀ କାର୍ଯ୍ୟକଳାପକେ ଦମନ୍ କର୍‌ବାର୍ କ୍ଷେତ୍ରଥି ଅପରେସନ୍ ସିନ୍ଦୁର ସମିଆଥି ଇଟା ପ୍ରତିଫଳିତ ହେଇଛେ ।

(ଭଏସ୍ ଓଭର-ପ୍ରଧାନମନ୍ତ୍ରୀ)

ପ୍ରତିରକ୍ଷା ଉତ୍ପାଦନ୍ କ୍ଷେତ୍ରଥି ଦେଶୀୟ ଜ୍ଞାନ୍‌କୌଶଲ୍ ଆଉ ବଳିଷ୍ଠ ନୀତି ଲାଗି ଭାରତ୍ ଇ କ୍ଷେତ୍ରଥି ଆତ୍ମନିର୍ଭରଶୀଲ୍ ହେବାର୍ ସହେତେ ବିଶ୍ୱସ୍ତରୀୟ ଗୁନ୍‌ମାନ୍ ହାସଲ୍ କରିଛେ । ଆକାଶ୍‌ବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।

(ସେବା ପର୍ବ ଏସ୍.ଟି)

ବସ୍-ଟ୍ରକ୍ ଦୁର୍ଘଟଣା        ଏକ୍ସ

ସୁନ୍ଦରଗଡ଼୍ ଜିଲ୍ଲା କୋଇଡ଼ା ଠାନେ କେ. ବଲାଙ୍ଗ ଜାତୀୟ ରାଜପଥ ୫୨୦ ନ ଗୁଟେ ଯାତ୍ରୀବାହୀ ବସ୍‌କେ ଟ୍ରକ୍ ଧକ୍କା ଦେବାର୍‌ନୁ ୭ ଝନ୍‌କର୍ ଜୀବନ୍ ଯାଇଛେ । ଇଥି ୨୦ ନୁ ଅଏତ୍‌କା ଲୋକ୍ ଜବର୍ ଜଖମ୍ ହେଇଛନ୍ । ଜଖ୍‌ମୀ ମାନ୍‌କୁ ରାଉର୍‌କେଲା ସର୍‌କାରୀ ଡାକ୍ତର୍‌ଖାନା ନ ଭର୍ତ୍ତି କରାଯାଇଛେ । ରାଉର୍‌କେଲାନୁ ଆସୁଥିବା ଯାତ୍ରୀବାହୀ ବସ୍ ରାସ୍ତା ଜାମ୍ ହେବାର୍‌ନୁ ଭୁଲ୍ ରାସ୍ତାଥି ଯାଉଥିଲା । ଇ ସମିଆଥି ସାମ୍ନା ନୁ ଆସୁଥିବା ଟ୍ରକ୍ ତାକେ ଧକ୍କା ଦେଇଥିଲା ।

ସାଂସଦ୍ କ୍ରୀଡ଼ା ମହୋତ୍ସବ        ବୌଦ୍ଧ ସମ୍ବାଦଦାତା

ଭାରତ୍ ସର୍‌କାର୍‌ଙ୍କର୍ ତରଫୁ ଭିନ୍ ଭିନ୍ ଛାତ୍ରଛାତ୍ରୀ ଆଉ ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ସାମିଲ୍ କର୍‌ବାର୍ ଲକ୍ଷ୍ୟଥି ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ସାଂସଦ୍ କ୍ରୀଡ଼ା ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । କନ୍ଧମାଲ୍ ସାଂସଦ୍ ସୁକାନ୍ତ କୁମାର୍ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିଛନ୍ ।

ଦେବ୍‌ଗଡ୍‌ ଜିଲ୍ଲାପାଳ୍‌- ସମୀକ୍ଷା ଦେବ୍‌ଗଡ୍‌ ସମ୍ବାଦଦାତା

ଦେବ୍‌ଗଡ୍‌ ଜିଲ୍ଲାପାଳ୍‌ଙ୍କର୍‌ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ମାସିକ୍‌ ସମୀକ୍ଷା ବୈଠକ୍‌ ହେଇଯାଇଛେ । ଜିଲ୍ଲାପାଳ୍‌ କବୀନ୍ଦ୍ର କୁମାର୍‌ ସାହୁଙ୍କର୍‌ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ପରିଷଦ୍‌ ଅଧ୍ୟକ୍ଷ କୌଶିକ୍‌ କୁମାର୍‌ ପ୍ରଧାନ୍‌, ଆରକ୍ଷୀ ଅଧିକ୍ଷକ୍‌ ଅନୀଲ୍‌ ମିଶ୍ର ଯୋଗ୍‌ ଦେଇକରି ଜିଲ୍ଲା ନ ରାସ୍ତା ଦୁର୍ଘଟଣା କେନ୍ତାକରି ଆଏତ୍‌ କରାଯାଇପାର୍‌ବା ସେ ବାବ୍‌ଦେ ଜୋର୍‌ ଦେଇଥିଲେ ।

ବିଶ୍ୱ ଜଳାତଙ୍କ ଦିବସ ଦେବ୍‌ଗଡ୍‌ ସମ୍ବାଦଦାତା

ଦେବ୍‌ଗଡ୍‌ ବାଲିରୋଇ କୃଷି ବିଭାଗ୍‌ ସମ୍ମିଳନୀ କକ୍ଷ ନ ବିଶ୍ୱ ଜଳାତଙ୍କ ଦିବସ୍‌ ପାଲିତ୍‌ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍‌ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍‌ ଦେଇକରି ରେବିସ୍‌ ରୋଗ୍‌ ପ୍ରତିରୋଧ୍‌ ବାବ୍‌ଦେ ଆଲୋଚନା କରିଥିଲେ । ଜୀବଜନ୍ତୁଙ୍କର୍‌ ଜରିଏ ଇ ରୋଗ୍‌ ମୁନୁଷ୍‌ ମାନ୍‌କର୍‌ ନିକେ ପୁହୁଁଚିସି । ହେଥିର୍‌ଲାଗି ଇତାକେ

ଆଏତ୍ କର୍‌ବାର୍ ଅତି ଜରୁରୀ ଆଏ ବଲି ଅତିଥି ମାନେ କହିଛନ୍ ।

ପାଣିପାଗ     ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇଟା ଆଏବାକାଏଲ୍ ଘନୀଭୂତ ହେଇକରି ଅବପାତ ହେଇପାରେ । ଶନିବାର୍‌ତକ୍ ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ଦେଇକରି ଇ ଲଘୁଚାପ୍ କ୍ଷେତ୍ର ପାର୍ କର୍‌ବା । ଇତାର୍ ବଲେ ଆଏଜ୍‌ଠାନୁ ପଶ୍ଚିମ ଓଡ଼ିଶା ସହେତେ ସାରା ରାଏଜେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ଅବପାତ ବର୍ଷାକେ ନେଇକରି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆଏଜ୍ ସମୀକ୍ଷା କରିଛନ୍ । ବର୍ଷାକେ ନେଇକରି ସତର୍କ ରହେବାର୍ ଲାଗି ୧୮ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ପରାମର୍ଶ ଦେଇଛନ୍ । ସମ୍ଭାବ୍ୟ ବନ୍ୟା ପରିସ୍ଥିତିକେ ନେଇକରି ଜିଲ୍ଲାପାଲ୍ ମାନ୍‌କର୍ ପ୍ରସ୍ତୁତି ବାବ୍‌ଦେ ଭିଡ଼ିଓ କନ୍‌ଫରେନ୍ସି ଜରିଏ ଆଲୋଚନା କରିଛନ୍ ।